# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**20 July– 2026**

---

# ଶ୍ରୀଜୀଉଙ୍କ ଆଡପମଣ୍ଡପ ବିଜେ

ପବିତ୍ର ହେରାପଞ୍ଚମୀ ତିଥିରେ ଆଜି ଶ୍ରୀଜୀଉମାନଙ୍କର ଜନ୍ମବେଦୀରେ ବିଶେଷ ନୀତିକାନ୍ତି ଆରମ୍ଭ ହୋଇଛି । ମା' ଲକ୍ଷ୍ମୀ ଠାକୁରାଣୀଙ୍କୁ ଛାଡ଼ି ଜଗନ୍ନାଥ ମହାପ୍ରଭୁ ଶ୍ରୀଗୁଣ୍ଡିଚା ଦିନ ବଡଭାଇ ବଳଭଦ୍ର ଓ ସାନଭଉଣୀଙ୍କୁ ସାଙ୍ଗରେ ନେଇ ରଥରେ ଯାତ୍ରା କରିବା ପରେ ଶ୍ରୀମନ୍ଦିରରେ ମହାଲକ୍ଷ୍ମୀ ନିଜକୁ ଅପମାନିତ ଓ ଅବହେଳିତ ମନେ କରିଛନ୍ତି। ଅଭିମାନିନୀ ମା' ମହାଲକ୍ଷ୍ମୀ ନନ୍ଦିଘୋଷ ରଥର କାଠ ଭାଙ୍ଗିବା ସହ ମହାପ୍ରଭୁଙ୍କ ଦର୍ଶନ ନ ପାଇ ଆଜି ଅଧର ଚୂମ୍ବିତ ଆଜ୍ଞାମାଳ ପାଇ ରାଗରେ ହେରାଗୌରୀ ସାହିବାଟେ ମନ୍ଦିର ପ୍ରତ୍ୟାବର୍ତ୍ତନ କରିବାର ପରମ୍ପରା ରହିଛି । ଶ୍ରୀଜଗନ୍ନାଥ ମନ୍ଦିର ପରି ଗୁଣ୍ଡିଚା ମନ୍ଦିରରେ ମଧ୍ୟ ମଙ୍ଗଳ ଆଳତୀ, ମଇଲମ, ତଡପଲାଗି, ଅବକାଶ, ବେଶ, ଗୋପାଳବଲ୍ଲଭ ପୂଜା, ସକାଳ ଧୂପ, ଭୋଗମଣ୍ଡପ, ମହାସ୍ନାନ, ବଡସିଂହାର ବେଶ, ରାତ୍ରପହୁଡ ଆଦି କରାଯାଉଛି। ଆଜିର ଏହି ନୀତି ଶେଷ ହେବା ପରେ ଆସନ୍ତାକାଲି ସକାଳ ଧୂପ ସରିବା ପରେ ତିନିରଥର ଦକ୍ଷିଣ ମୋଡ଼ ନେଇ ଆଜ୍ଞାମାଳ ବିଜେ କରାଯିବ ।

# ମୌସୁମୀ ଅଧିବେଶନ-ସର୍ବଦଳୀୟ ବୈଠକ

ସଂସଦର ମୌସୁମୀ ଅଧିବେଶନ ଆଜିଠାରୁ ଆରମ୍ଭ ହେଉଛି। ଚଳିତ ଅଧିବେଶନ କାଳରେ ବିଭିନ୍ନ ବିଲ୍ ଉପରେ ଆଲୋଚନା ହେବାର ସମ୍ଭାବନା ରହିଛି। ଆୟକର ସଂଶୋଧନ ବିଲ୍ ୨୦୨୬, ସୁପ୍ରିମକୋର୍ଟ ବିଚାରପତିଙ୍କ ସଂଖ୍ୟା ସଂଶୋଧିତ ବିଲ୍, ଜନ୍ମ ଓ ମୃତ୍ୟୁ ନିବନ୍ଧନ ସଂଶୋଧିତ ବିଲ୍, ଲଘୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିକାଶ ବିଲ୍ ଓ ଏଫ୍‌ସିଆରଏ ଏବଂ ବିକଶିତ ଭାରତ ଶିକ୍ଷା ଅଧିଷ୍ଠାନ ବିଲ୍ ଉପରେ ଆଲୋଚନା ହେବା ନେଇ ସରକାରଙ୍କ ପକ୍ଷରୁ ସୂଚନା ମିଳିଛି। ମୌସୁମୀ ଅଧିବେଶନ ଅଗଷ୍ଟ ମାସ ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ।

## ସ୍ନାତକ ନାମଲେଖା

ରାଜ୍ୟରେ ଥିବା ସ୍ନାତକ ମହାବିଦ୍ୟାଳୟଗୁଡ଼ିକରେ ନାମଲେଖା ଲାଗି ଆଜି ଦ୍ୱିତୀୟ ପର୍ଯ୍ୟାୟ ମେଧା ତାଲିକା ପ୍ରକାଶ ପାଇବ। ମୋଟ୍ ୧ ହଜାର ୫୫ଟି ସ୍ନାତକ ମହାବିଦ୍ୟାଳୟରେ କଳା, ବିଜ୍ଞାନ, ବାଣିଜ୍ୟ, ସେଲ୍ଫ ଫାଇନାନସିଂ ଏବଂ ସଂସ୍କୃତ ପାଠ୍ୟକ୍ରମରେ ୨ ଲକ୍ଷ ୮୭ ହଜାର ୫୧୯ଟି ଆସନ ରହିଛି । ପ୍ରଥମ ପର୍ଯ୍ୟାୟରେ ୮୪ ହଜାର ୩୮୪ଟି ଆସନରେ ନାମଲେଖା ଶେଷ ହୋଇଛି। ଉଚ୍ଚଶିକ୍ଷା ବିଭାଗ ପରିଚାଳିତ ସାମ୍ସ ପୋର୍ଟାଲରୁ ମିଳିଥିବା ତଥ୍ୟ ଅନୁଯାୟୀ, କଳାରେ ୧ ଲକ୍ଷ ୬ ହଜାର ୮୮୦ଟି ଆସନ ଖାଲି ରହିଥିବାବେଳେ ବିଜ୍ଞାନରେ ୬୦ ହଜାର ୮୨୮, ବାଣିଜ୍ୟରେ ୨୪ ହଜାର ୨୮୮, ସେଲ୍ଫ ଫାଇନାନସିଂରେ ୪ହଜାର ୧୭୨ ଏବଂ ସଂସ୍କୃତ ପାଠ୍ୟକ୍ରମରେ ୬ ହଜାର ୭୫୭ଟି ଆସନରେ

ନାମଲେଖା ହେବ। ମେଧା ତାଲିକା ପ୍ରକାଶ ପରେ ଆସନ୍ତାକାଲିଠାରୁ ଗୁରୁବାର ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନେ ନାମଲେଖାଇ ପାରିବେ। ଆସନ୍ତା ୨୯ ତାରିଖରେ ତୃତୀୟ ତଥା ଚୂଡ଼ାନ୍ତ ମେଧାତାଲିକା ପ୍ରକାଶ ପାଇବ।

# ଏସ୍‌ଆଇଆର୍

ନବରଙ୍ଗପୁର ଜିଲ୍ଲାରେ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ ଏସ୍‌ଆଇଆର୍‌କୁ ଅଧିକ ସ୍ୱଚ୍ଛ, ତ୍ରୁଟିଶୂନ୍ୟ କରିବା ଉଦ୍ଦେଶ୍ୟରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଆବଶ୍ୟକୀୟ ପଦକ୍ଷେପ ନିଆଯାଉଛି । ଗତକାଲିଠାରୁ ଜିଲ୍ଲାର ୪ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ଉମରକୋଟ, ଝରିଗାଁ, ନବରଙ୍ଗପୁର ଏବଂ ଡାବୁଗାଁରେ ଏସ୍‌ଆଇଆର୍ ସମ୍ପର୍କିତ ବିଭିନ୍ନ ମାମଲା ଗୁଡ଼ିକର ଦାବି ଓ ଅଭିଯୋଗ ଶୁଣାଣି ଆରମ୍ଭ ହୋଇଛି ।

# ଜଳାଭିଷେକ

ଭଦ୍ରକ ଜିଲ୍ଲା ଆରଡିର ବାବା ଆଖଣ୍ଡଳମଣିଙ୍କ ପୀଠରେ କାଉଡିଆମାନେ ଆଜି ସକାଳୁ ମଣିବାବାଙ୍କ ଠାରେ ଜଳାଭିଷେକ କରିଛନ୍ତି । ଜିଲ୍ଲା ପ୍ରଶାସନ ଓ ମନ୍ଦିର ପ୍ରଶାସନ ପକ୍ଷରୁ ଶ୍ରଦ୍ଧାଳୁଙ୍କ ଦର୍ଶନ ପାଇଁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଛି ।

# ମୁନ୍ ଡେ

ମଣିଷ ପ୍ରଥମେ ଚନ୍ଦ୍ରପୃଷ୍ଠରେ ପାଦ ଥାପିବାର ସଫଳତାକୁ ମନେପକାଇ ଆଜି ଆନ୍ତର୍ଜାତିକ ଚନ୍ଦ୍ରଯାନ ଦିବସ ପାଳନ କରାଯାଉଛି । ୧୯୬୯ ମସିହା ଆଜିର ଦିନରେ ଚନ୍ଦ୍ରଯାନ ଆପୋଲୋ ୧୧ ଅଭିଯାନ ମାଧ୍ୟମରେ

ମଣିଷ ଚନ୍ଦ୍ରପୃଷ୍ଠରେ ଅବତରଣ କରିଥିଲା ।  ଜାତିସଂଘ ସାଧାରଣ ପରିଷଦ ଦ୍ୱାରା ୨୦୨୧ ମସିହାରୁ ଏହି ଦିବସକୁ ସ୍ଥାୟୀଭାବରେ ପାଳନ କରାଯାଉଛି । ଚଳିତବର୍ଷ ଏହି ଦିବସର ବାର୍ତ୍ତା ରହିଛି 'ଏକ ଚନ୍ଦ୍ର, ଏକ ଦୃଷ୍ଟିଭଙ୍ଗୀ ଏବଂ ଏକ ଭବିଷ୍ୟତ' । ଏହି ଅଭିଯାନ ମାଧ୍ୟମରେ ମହାକାଶର ଗବେଷଣା ଏବଂ ଆବିଷ୍କାର ସହ ଆନ୍ତର୍ଜାତିକ ସହଯୋଗ ଏବଂ ଶାନ୍ତିପୂର୍ଣ୍ଣ ଚନ୍ଦ୍ରଯାନର ବିଭିନ୍ନ ଦିଗ ଲୋକଲୋଚନକୁ ଆସିପାରିଛି ।

# ପାଣିପାଗ

ଭାରତୀୟ ପାଣିପାଗ ବିଭାଗର ସୂଚନା ଅନୁସାରେ ଚଳିତ ସପ୍ତାହର ଗୁରୁବାର ବେଳକୁ ରାଜ୍ୟର ଉତ୍ତରଭାଗ ଏବଂ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ପୁଣି ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି । ଏହାର ପ୍ରଭାବରେ ଉପକୂଳ ଓ ଆଭ୍ୟନ୍ତରୀଣ ଜିଲ୍ଲାଗୁଡିକରେ ମଧ୍ୟମରୁ ପ୍ରବଳ ବର୍ଷା ହୋଇପାରେ । ସୂଚନା ଅନୁସାରେ ଆନ୍ଧ୍ରପ୍ରଦେଶ, ଉତ୍ତର ଉପକୂଳ ଓ ସଂଲଗ୍ନ ଦକ୍ଷିଣ ଛତିଶଗଡ ଉପରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି । ଏହାର ପ୍ରଭାବରେ ଆସନ୍ତାକାଲି ସୁଦ୍ଧା ସୁନ୍ଦରଗଡ଼, ଝାରସୁଗଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ, ବଲାଙ୍ଗୀର, କଳାହାଣ୍ଡି, କନ୍ଧମାଳ, ନବରଙ୍ଗପୁର, ରାୟଗଡା, କୋରାପୁଟ, ମାଲକାନଗିରି, କେନ୍ଦୁଝର, ମୟୂରଭଞ୍ଜ ଓ ନୂଆପଡା ଜିଲ୍ଲାକୁ ଭୁବନେଶ୍ୱରସ୍ଥିତ ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି ।

ସକାଳ ୬ଟା ସୁଦ୍ଧା ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୧୨ ଦଶମିକ ୮/୭ ଫୁଟ ରହିଛି । ୪ଟି ଗେଟ୍‌ଦେଇ ଜଳଭଣ୍ଡାର ମଧ୍ୟକୁ ୧ ଲକ୍ଷ ୫୮

ହଜାର ୪୯୧ ଘନଫୁଟ ଜଳ ପ୍ରବେଶ କରୁଥିବାବେଳେ ୯୪ ହଜାର ୨୯୨ ଘନଫୁଟ ଜଳ ନିଷ୍କାସିତ ହେଉଛି।